| **Publication:** Dharitri |
|---|
| **Date:** January 14, 2018 |

# ଆଜି ସମ୍ବଲପୁରରେ 'ସଫଳ' ବ୍ରାଣ୍ଡର ୬ ଆଉଟଲେଟ୍ ଖୋଲିବ

ସମ୍ବଲପୁର, ୧୩।୧ (ବ୍ୟୁରୋ)

ମଦର ଡାଏରୀ ଫ୍ରୁଟ୍ ଆଣ୍ଡ ଭେଜିଟେବୁଲ୍ ପ୍ରାଇଭେଟ୍ ଲିମିଟେଡ (ଏମଡିଏଫଭିପିଏଲ) ପକ୍ଷରୁ ରବିବାର ସମ୍ବଲପୁର ସହରର ୬ଟି ସ୍ଥାନରେ ସଫଳ ରିଟେଲର୍ ଆଉଟ୍‌ଲେଟ୍ ଖୋଲିବ। ସତେଜ ଫଳ ଓ ପନିପରିବା ସମେତ ଧାରା ଏଡିବଲ୍ ଅଏଲ୍ ଏବଂ ମଦର ଡାୟରୀର ବିଭିନ୍ନ ଦୁଗ୍ଧଜାତ ଉତ୍ପାଦ ଏହି ରିଟେଲ ଆଉଟ୍‌ଲେଟ୍‌ରେ ଉପଲବ୍ଧ ହେବ। ବାଲିବନ୍ଧା, ବଡବଜାର, ହାଉସିଂ ବୋର୍ଡ କଲୋନୀ, ଧନୁପାଲି ଅନନ୍ତରାମ ହେଲିଙ୍ଗ ଫିଲିଂ ଷ୍ଟେସନ, ବୁଢାରଜା ଶାନ୍ତିନଗର, ଅଇଁଠାପାଲି ଟାଟା ପେଟ୍ରୋଲ ପମ୍ପ ପରିସରରେ ରବିବାର ଏହି ଆଉଟଲେଟ୍ ଖୋଲିବାକୁ ପ୍ରସ୍ତୁତି ଶେଷ ହୋଇଛି । ଶନିବାର ଖବରଦାତା ସମ୍ମିଳନୀରେ ସଂସ୍ଥାର ଅଧ୍ୟକ୍ଷ ଦିଲୀପ ରଥ ଏହି ସୂଚନା ଦେଇଛନ୍ତି ।




ଶନିବାର ସମ୍ବଲପୁରରେ ଖବରଦାତା ସମ୍ମିଳନୀରେ ଦିଲୀପ ରଥ ଖବରଦାତାଙ୍କୁ ସୂଚନା ଦେଉଛନ୍ତି । ପାର୍ଶ୍ୱରେ ସଞ୍ଜୀବ ଖାନ୍ନା ଅଛନ୍ତି ।

ସମ୍ବଲପୁରରେ ଏହି ରିଟେଲର ଶୁଭାରମ୍ଭ କରାଯାଇ ଚାଷୀ ଓ ଗ୍ରାହକଙ୍କୁ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି। ଚାଷୀମାନଙ୍କ ସହିତ ମିଶି ସେତୁ ଭିତ୍ତିକ କୃଷି ଅର୍ଥନୀତି ଆରମ୍ଭ କରାଯିବ । ଚାଷୀମାନଙ୍କୁ ଚାଷ ଉତ୍ପାଦନ ଓ ଅମଳରେ ଉନ୍ନତି ସକାଶେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଆଉଟଲେଟରେ ପିଜୁଳି, ବାଇଗଣ, ବନ୍ଧା କୋବି, ଫୁଲ କୋବି, କଞ୍ଚାଲଙ୍କା, ଭେଣ୍ଡି, କାକୁଡି ଆଦି ମିଳିବ। ସଫଳ ବ୍ରାଣ୍ଡ ଏହାର ଆଉଟଲେଟ୍ ନେଟୱାର୍କ ଜରିଆରେ ଗ୍ରାହକଙ୍କୁ ସୁରକ୍ଷିତ, ପ୍ରାକୃତିକ ଏବଂ ସତେଜ ଉତ୍ପାଦ ସୁଲଭ ମୂଲ୍ୟରେ ପ୍ରଦାନ କରିବାକୁ ସ୍ଥିର କରାଯାଇଛି ବୋଲି କୁହାଯାଇଛି। ଏହି ଅବସରରେ ମଦର ଡାଏରୀ ଫ୍ରୁଟ୍ ଆଣ୍ଡ ଭେଜିଟେବୁଲ୍ ପ୍ରାଇଭେଟ ଲିମିଟେଡ ପରିଚାଳନା ନିର୍ଦ୍ଦେଶକ ସଞ୍ଜିବ ଖାନ୍ନା କହିଥିଲେ ଯେ, ସମ୍ବଲପୁର ଅଞ୍ଚଳରେ ଅନେକ ଚାଷୀ ଧାନ ଓ ପରିବା ଚାଷ ସହ ଜଡିତ ଅଛନ୍ତି। ତେଣୁ ଚାଷୀମାନଙ୍କୁ ମାର୍କେଟ ଲିଙ୍କେଜ୍ ପ୍ରଦାନ କରାଯିବ । ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଦେବାକୁ ଉଦ୍ୟମ କରାଯିବ। ସୂଚନାଯୋଗ୍ୟ ଯେ, ୨୦୧୬ ଜୁଲାଇରେ ସଫଳ ରାଜ୍ୟରେ ପ୍ରବେଶ କରିଥିଲା। ଭୁବନେଶ୍ୱର ସହରରେ ୯ଟି ଆଉଟଲେଟ୍ ଆରମ୍ଭ କରିଛି। ଏହା ଦ୍ୱାରା ଚାଷୀମାନେ ସିଧାସଳଖ ଉତ୍ପାଦ ବିକ୍ରି କରୁଛନ୍ତି ।